# NATIONAL NEWS BULLETIN (ODIA)
## 20 January - 2025
## Evening Bulletin : 7.15 P.M.

********************************

## ମୁଖ୍ୟ ସମ୍ବାଦ

- କୌଣସି ଭେଦଭାବ ନ କରି ଶ୍ରମିକମାନଙ୍କୁ ସାମାଜିକ ସୁରକ୍ଷା ଯୋଗାଇ ଦେଉଛନ୍ତି ସରକାର, କହିଲେ କେନ୍ଦ୍ର ଶ୍ରମ ଓ ନିଯୁକ୍ତି ମନ୍ତ୍ରୀ ।
- ସ୍ୱିଜରଲ୍ୟାଣ୍ଡର ଡାଭୋସ୍ ଠାରେ ବିଶ୍ୱ ଅର୍ଥନୈତିକ ଫୋରମ୍‌ର ବାର୍ଷିକ ବୈଠକ ଆରମ୍ଭ ।
- କୋଲକାତା ଆର୍‌ଜି କର ଦୁଷ୍କର୍ମ ଓ ହତ୍ୟା ମାମଲାର ମୁଖ୍ୟ ଅଭିଯୁକ୍ତ ସଂଜୟ ରାୟଙ୍କୁ ଆଜୀବନ କାରାଦଣ୍ଡରେ ଦଣ୍ଡିତ କଲେ କୋର୍ଟ୍ ।
- ଯୁକ୍ତରାଷ୍ଟ୍ର ଆମେରିକାର ୪୭ତମ ରାଷ୍ଟ୍ରପତି ଭାବେ ଆଜି ଶପଥ ଗ୍ରହଣ କରିବେ ଡୋନାଲ୍‌ଡ ଟ୍ରମ୍ପ ।

ଏବଂ

- ହକି ଇଣ୍ଡିଆ ଲିଗ୍ ମହିଳା ବର୍ଗରେ ସୁରମା ହକି କ୍ଲବ ଏବଂ ଦିଲ୍ଲୀ ଏସ୍.ଜି. ପାଇପର୍ସ ମଧ୍ୟରେ ମ୍ୟାଚ୍ ଜାରି ।

## ମାଣ୍ଡବ୍ୟ-ସେମିନାର

କେନ୍ଦ୍ର ଶ୍ରମ ଓ ନିଯୁକ୍ତି ମନ୍ତ୍ରୀ ଡକ୍ଟର ମନସୁଖ ମାଣ୍ଡବ୍ୟ କହିଛନ୍ତି ଯେ ଶ୍ରମ ବୋର୍ଡ ଖୁବଶୀଘ୍ର ଗିଗ୍ ଶ୍ରମିକମାନଙ୍କୁ ସାମାଜିକ ସୁରକ୍ଷା ଅଧୀନରେ ସାମିଲ କରିବ। ନୂଆଦିଲ୍ଲୀରେ ଅଣସଂଗଠିତ କ୍ଷେତ୍ରରେ କାର୍ଯ୍ୟରତ ଶ୍ରମିକମାନଙ୍କ ପାଇଁ ଔପଚାରିକତା ଏବଂ ସାମାଜିକ ସୁରକ୍ଷା ସୀମା ନିର୍ଦ୍ଧାରଣ ଉପରେ ଦୁଇ ଦିନିଆ ଅନ୍ତର୍ଜାତୀୟ ସେମିନାରକୁ ଉଦ୍‌ଘାଟନ କରି ଏହା କହିଛନ୍ତି। ସେ କହିଛନ୍ତି ଯେ ଭାରତରେ ୭ରୁ ୮ ନିୟୁତ ଗିଗ୍ ଶ୍ରମିକ ଅଛନ୍ତି ଏବଂ କୌଣସି ପ୍ରକାର ଭେଦଭାବ ନକରି ଶ୍ରମିକଙ୍କ ପାଇଁ ସାମାଜିକ ସୁରକ୍ଷା ସରକାରଙ୍କ ପ୍ରାଥମିକତା।

ସରକାରଙ୍କ ସ୍ୱାସ୍ଥ୍ୟ ସୁରକ୍ଷା ଯୋଜନାରେ ପ୍ରାୟ ୬୦ କୋଟି ଲୋକ ସାମିଲ ହୋଇ ୫ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ମାଗଣା ଚିକିତ୍ସା ପାଉଛନ୍ତି ବୋଲି ଡକ୍ଟର ମାଣ୍ଡବ୍ୟ ସୂଚନା ଦେଇଛନ୍ତି। ସାଧାରଣ ଭାବେ ଆବଶ୍ୟକ ଖାଦ୍ୟରୁ ଯେପରି କେହି ବଞ୍ଚିତ ନ ହୁଅନ୍ତି ସେଥିପାଇଁ ଲୋକଙ୍କୁ ପାଖାପାଖି ୫ କିଲୋଗ୍ରାମ ଖାଦ୍ୟଶସ୍ୟ ଯୋଗାଇ ଦିଆଯାଉଛି ବୋଲି ମନ୍ତ୍ରୀ କହିଛନ୍ତି। ବହୁରାଷ୍ଟ୍ରୀୟ ନିଗମଗୁଡ଼ିକରୁ ପ୍ରତ୍ୟକ୍ଷ ବିଦେଶୀ ପୁଞ୍ଜିନିବେଶ ଆକୃଷ୍ଟ କରି ଭାରତ ବ୍ୟବସାୟ କରିବାର ସହଜତାରେ ଉନ୍ନତି ଆଣିଛି ବୋଲି ସେ କହିଛନ୍ତି। **V/O**

ଶ୍ରମ ଓ ନିଯୁକ୍ତି ସଚିବ ସୁମିତା ଦାଓ୍ୱରା ଆକାଶବାଣୀ ସମାଚାର ସହ ବିଶେଷ ଭାବେ କଥାବାର୍ତ୍ତା କରି ଭାରତର ୬୦୦ ନିୟୁତ କର୍ମଚାରୀଙ୍କୁ ସାମାଜିକ ସୁରକ୍ଷାର ବିଭିନ୍ନ ବ୍ୟବସ୍ଥା ଅଧୀନରେ ଆଣିବାର ସମ୍ଭାବନା ସମ୍ପର୍କରେ ଆଲୋଚନା କରିଥିଲେ।

ଅନ୍ତର୍ଜାତୀୟ ସାମାଜିକ ନିରାପତ୍ତା ସଂଘର ସଭାପତି ଡକ୍ଟର ମହମ୍ମଦ ଅଜମାନ ଗଣମାଧ୍ୟମକୁ କହିଛନ୍ତି, ଇ-ଶ୍ରମ କାର୍ଯ୍ୟକ୍ରମ ଜରିଆରେ ଭାରତର ଅଗ୍ରଗତି କରୁଛି ଓ ୯୦ ପ୍ରତିଶତ ଅଣସଂଗଠିତ କ୍ଷେତ୍ରକୁ ସାମିଲ କରିବା ଲାଗି ପ୍ରଚେଷ୍ଟା ଜାରି ରଖିଛି ।

## ଡବ୍ଲ୍ୟୁଇଏଫ୍-ଇଣ୍ଡିଆ ଗ୍ରୋଥ

ସ୍ୱିଜରଲ୍ୟାଣ୍ଡର ଡାଭୋସ୍ ଠାରେ ଆଜିଠାରୁ ୫୫ତମ ବିଶ୍ୱ ଅର୍ଥନୈତିକ ଫୋରମ୍‌ର ବାର୍ଷିକ ବୈଠକ ଆରମ୍ଭ ହୋଇଛି। ପାଞ୍ଚ ଦିନ ଧରି ଚାଲିବାକୁ ଥିବା ଏହି ବୈଠକରେ କିପରି ଅଭିବୃଦ୍ଧିକୁ ପୁନଃ ଆରମ୍ଭ କରାଯାଇପାରିବ, ନୂତନ ଜ୍ଞାନକୌଶଳର ଉପଯୋଗ କରାଯାଇପାରିବ ଏବଂ ସାମାଜିକ ଓ ଅର୍ଥନୈତିକ ସ୍ଥିରତାକୁ କିପରି ସୁଦୃଢ଼ କରାଯାଇପାରିବ ସେ ବିଷୟରେ ଆଲୋଚନା କରାଯିବ। ଏହି ବିଶ୍ୱ ସ୍ତରୀୟ ବୈଠକରେ ୩୫୦ ନେତାଙ୍କ ସମେତ ପ୍ରାୟ ୩ ହଜାର ପ୍ରତିନିଧି ଯୋଗଦେବେ ।

ସୂଚନା ଓ ପ୍ରସାରଣ ମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବଙ୍କ ସହ ଜଳଶକ୍ତି ମନ୍ତ୍ରୀ ସିଆର ପାଟିଲ, ବେସାମରିକ ବିମାନ ଚଳାଚଳ ମନ୍ତ୍ରୀ କେ ରାମମୋହନ ନାଇଡୁ, ଖାଦ୍ୟ ପ୍ରକ୍ରିୟାକରଣ ଶିଳ୍ପ ମନ୍ତ୍ରୀ ଚିରାଗ ପାଶୱାନ ଏବଂ ଦକ୍ଷତା ବିକାଶ ଓ ଉଦ୍ୟୋଗ ରାଷ୍ଟ୍ରମନ୍ତ୍ରୀ ଜୟନ୍ତ ଚୌଧୁରୀ ଏହି ବୈଠକରେ ଭାରତର ପ୍ରତିନିଧିତ୍ୱ କରୁଛନ୍ତି।

ଏହି ବୈଠକରେ ରାଜ୍ୟଗୁଡ଼ିକରୁ ମଧ୍ୟ ଅନ୍ୟ କେତେ ଜଣ ମନ୍ତ୍ରୀ ଯୋଗ ଦେବାର ସମ୍ଭାବନା ରହିଛି । ପାଞ୍ଚ ଦିନ ଧରି ଚାଲିବାକୁ ଥିବା ଏହି କାର୍ଯ୍ୟକ୍ରମରେ ଭାରତର ସାମଗ୍ରିକ ଅଭିବୃଦ୍ଧି ଓ ଡିଜିଟାଲ ବିପ୍ଲବର ମଡେଲ ଉପରେ ଆଲୋକପାତ କରାଯିବ। ସ୍ୱିଜରଲ୍ୟାଣ୍ଡର ଡାଭୋସରେ ଏକ ଭାରତୀୟ ଟେଲିଭିଜନ ଚ୍ୟାନେଲସହ କଥାବାର୍ତ୍ତା କରି ଡବ୍ଲ୍ୟୁଇଏଫ୍ ଅଧ୍ୟକ୍ଷ ତଥା ସିଇଓ ବୋର୍ଜ ବ୍ରେଣ୍ଡେ ପୂର୍ବାନୁମାନ କରିଛନ୍ତି ଯେ ଅର୍ଥନୈତିକ ସଂସ୍କାର ଦ୍ୱାରା ପରିଚାଳିତ ଅଧିକ ପୁଞ୍ଜିନିବେଶ ଯୋଗୁଁ ଭାରତର ଜିଡିପି ଅଭିବୃଦ୍ଧି ୭ରୁ ୮ ପ୍ରତିଶତ ହେବ। ସେ କହିଛନ୍ତି, ପୁଞ୍ଜିନିବେଶ, ଭିତ୍ତିଭୂମି, ଶିକ୍ଷା ଏବଂ ଗବେଷଣା ଓ ବିକାଶ କ୍ଷେତ୍ରରେ ସଂସ୍କାର ଆସିଲେ ଭାରତ ପୁଣି ଥରେ ୭ରୁ ୮ ପ୍ରତିଶତ ବିକାଶ ଦର ହାସଲ କରିପାରିବ ।

# ଡବ୍ଲ୍ୟୁବି-ଆର୍‌ଜିକର୍

କୋଲକାତାର ସିଆଲଦା ସ୍ଥିତ ଏକ ସେସନ୍ସ କୋର୍ଟ ଆରଜି କର ଦୁଷ୍କର୍ମ ଓ ହତ୍ୟା ମାମଲାର ମୁଖ୍ୟ ଅଭିଯୁକ୍ତ ସଞ୍ଜୟ ରାୟଙ୍କୁ ଆଜୀବନ କାରାଦଣ୍ଡରେ ଦଣ୍ଡିତ କରିଛନ୍ତି। ରାଜ୍ୟ ସରକାର ପୀଡ଼ିତାଙ୍କ ପରିବାରକୁ ୧୭ ଲକ୍ଷ ଟଙ୍କାର କ୍ଷତିପୂରଣ ଦେବାକୁ ବିଚାରପତି ନିର୍ଦ୍ଦେଶ ଦେଇଛନ୍ତି । ଗତ ଶନିବାର ଦିନ କୋର୍ଟ ସଞ୍ଜୟ ରାୟଙ୍କୁ ଏହି ମାମଲାରେ ଦୋଷୀ ସାବ୍ୟସ୍ତ କରିଥିଲେ। ଆଜି କୋର୍ଟ ବାହାରେ ରାୟ ବିଷୟରେ ଜାଣିବାକୁ ପ୍ରବଳ ଜନସମାଗମ ହୋଇଥିବା ଦୃଷ୍ଟିରୁ ପୁଲିସ ପକ୍ଷରୁ ସମସ୍ତ ପ୍ରକାର ସୁରକ୍ଷା ବ୍ୟବସ୍ଥା କରାଯାଇଥିଲା।

ଗତ ବର୍ଷ ଅଗଷ୍ଟ ୯ ତାରିଖରେ ଆରଜି କର ମେଡିକାଲ କଲେଜର ଏକ ସେମିନାର ହଲରୁ ଜଣେ ପ୍ରଶିକ୍ଷାର୍ଥୀ ଡାକ୍ତର ଛାତ୍ରୀଙ୍କ ମୃତଦେହ ଉଦ୍ଧାର କରାଯାଇଥିଲା। ସଞ୍ଜୟ ରାୟଙ୍କୁ ଅଗଷ୍ଟ ୧୦ରେ କୋଲକାତା ପୋଲିସ ଗିରଫ କରିଥିଲା । ପରେ ତାଙ୍କୁ ସିବିଆଇକୁ ହସ୍ତାନ୍ତର କରାଯାଇଥିଲା ଏବଂ ସିବିଆଇ ଏହି ମାମଲାରେ ସଂଜୟ ରାୟଙ୍କ ବିରୋଧରେ ଅଭିଯୋଗ ଦାଏର କରିଥିଲା ।

## ଏନ୍‌ସିଡବ୍ଲ୍ୟୁ-ଆର୍‌ଜିକର କେଶ୍

ଆର୍‌ଜି କର ମେଡିକାଲ କଲେଜର ଜଣେ ଡାକ୍ତରୀ ଛାତ୍ରୀଙ୍କୁ ଦୁଷ୍କର୍ମ ଓ ହତ୍ୟା ମାମଲାରେ କୋଲକାତାର ସେସନ୍ସ କୋର୍ଟ ଦେଇଥିବା ରାୟକୁ ଜାତୀୟ ମହିଳା ଆୟୋଗ ସ୍ୱାଗତ କରିଛନ୍ତି। ଏକ ବିବୃତିରେ କମିଶନ କହିଛନ୍ତି ଯେ, ଫାଶୀ ଦଣ୍ଡାଦେଶ ଲାଗୁ କରିବାକୁ କମିଟି ପରାମର୍ଶ ଦେବା ସତ୍ତ୍ୱେ ଦୋଷୀକୁ ଆଜୀବନ କାରାଦଣ୍ଡରେ ଦଣ୍ଡିତ କରିବା ପାଇଁ ଅଦାଲତଙ୍କ ନିଷ୍ପତ୍ତିକୁ ସ୍ୱୀକାର କରୁଛି। ଏହି ଦୋଷୀ ସାବ୍ୟସ୍ତ ହେବା ଦ୍ୱାରା ସମାଜରେ ନ୍ୟାୟର ଭାବନା ଜାଗ୍ରତ ହେବ ଏବଂ ସମସ୍ତଙ୍କୁ ମନେ ପକାଇଦେବ ଯେ ଏଭଳି ଅପରାଧ ଦଣ୍ଡବିହୀନ ହେବ ନାହିଁ।

## ଟ୍ରମ୍ପ ଓଥ୍

ଯୁକ୍ତରାଷ୍ଟ୍ର ଆମେରିକାର ୪୭ତମ ରାଷ୍ଟ୍ରପତି ଭାବେ ଡୋନାଲ୍‌ଡ ଟ୍ରମ୍ପ ଆଜି ଶପଥ ଗ୍ରହଣ କରିବେ । ୱାଶିଂଟନ୍ ଡିସି ଠାରେ ଆମେରିକାର ପ୍ରଧାନ ବିଚାରପତି ଜନ୍ ରବର୍ଟସ୍’ ଶ୍ରୀ ଟ୍ରମ୍ପଙ୍କୁ ଶପଥପାଠ କରାଇବେ । ଭାରତୀୟ ସମୟ ଆଜି ରାତି ୮ଟା ୩୦ ମିନିଟ୍ ସମୟରେ ଏହି ଶପଥ ଗ୍ରହଣ ସମାରୋହ ଅନୁଷ୍ଠିତ ହେବ । ପ୍ରବଳ ଥଣ୍ଡା ପରିସ୍ଥିତିକୁ ଦୃଷ୍ଟିରେ ରଖି ଶପଥ ଗ୍ରହଣ ସମାରୋହ ରୋଟୁଣ୍ଡାଠାରେ ଏକ ହଲ୍‌ରେ ଅନୁଷ୍ଠିତ ହେବ । ଶପଥ

ଗ୍ରହଣ କରିବା ପରେ ଶ୍ରୀ ଟ୍ରମ୍ପ ଆନୁଷ୍ଠାନିକ ଭାବେ ଦାୟିତ୍ୱ ଗ୍ରହଣ କରି ଉଦ୍‌ବୋଧନ ଦେବାର କାର୍ଯ୍ୟସୂଚୀ ରହିଛି ।

ଆମେରିକାର ଉପରାଷ୍ଟ୍ରପତି ଭାବେ ଜେଡି ଭାନ୍ସ ମଧ୍ୟ ଶପଥ ଗ୍ରହଣ କରିବେ । ସୂଚନାଯୋଗ୍ୟ ଡୋନାଲ୍‌ଡ ଟ୍ରମ୍ପ ଦ୍ୱିତୀୟ ଥର ଲାଗି ଆମେରିକାର ରାଷ୍ଟ୍ରପତି ଦାୟିତ୍ୱ ଗ୍ରହଣ କରିବାକୁ ଯାଉଛନ୍ତି ।

ଉତ୍ସବରେ ଭାରତର ବୈଦେଶିକ ମନ୍ତ୍ରୀ ଏସ୍‌.ଜୟଶଙ୍କର, ଆର୍ଜେଣ୍ଟିନା ରାଷ୍ଟ୍ରପତି ଜାଭିୟର ମିଲି, ଇଟାଲୀ ପ୍ରଧାନମନ୍ତ୍ରୀ ଜର୍ଜିଆ ମେଲୋନୀ, ଇକୁଏଡର ରାଷ୍ଟ୍ରପତି ଡାନିଏଲ୍ ନୋବୁଆ, ବ୍ରାଜିଲର ପୂର୍ବତନ ରାଷ୍ଟ୍ରପତି ଜେଆର୍ ବୋଲ୍‌ସୋନାରୋ, ପୋଲାଣ୍ଡର ପୂର୍ବତନ ପ୍ରଧାନମନ୍ତ୍ରୀ ମେଟି ୟୁଜ୍ ମୋରା ୱିକି ପ୍ରମୁଖ ଯୋଗଦେବାର କାର୍ଯ୍ୟସୂଚୀ ରହିଛି । ଶପଥ ଗ୍ରହଣର ଅବ୍ୟବହିତ ପୂର୍ବରୁ ଗତକାଲି ୭୮ ବର୍ଷୀୟ ଶ୍ରୀ ଟ୍ରମ୍ପ ୱାଶିଂଟନ୍ ଡିସି ଠାରେ ଏକ ବିଜୟ ସମାବେଶରେ ଯୋଗଦେଇ ତାଙ୍କ ସମର୍ଥକମାନଙ୍କୁ ସମ୍ବୋଧିତ କରିଥିଲେ ।

# ପିଏମ୍ ମନ୍ କି ବାତ୍

ଖେଳନା ଉତ୍ପାଦନ ପାଇଁ ନିଆଯାଉଥିବା ପଦକ୍ଷେପ ସରକାରଙ୍କ ଅଭିଯାନକୁ ପ୍ରୋତ୍ସାହିତ କରିଛି ଏବଂ ପରମ୍ପରା ଓ ଉଦ୍ୟୋଗକୁ ଲୋକପ୍ରିୟ କରିଛି ବୋଲି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ କହିଛନ୍ତି। ମନ୍ କି ବାତ୍

ଅପଡେଟ୍ସ ଦ୍ୱାରା ସେୟାର କରାଯାଇଥିବା ଏକ ପୋଷ୍ଟର ଉତ୍ତରରେ ଶ୍ରୀ ମୋଦୀ କହିଛନ୍ତି, ମନ୍ କି ବାତ୍ କାର୍ଯ୍ୟକ୍ରମରେ ସେ ସମଗ୍ର ଭାରତରେ ସାମୂହିକ ପ୍ରୟାସ ଦ୍ୱାରା ପରିଚାଳିତ ଖେଳନା ଉତ୍ପାଦନକୁ ପ୍ରୋତ୍ସାହିତ କରିବା ବିଷୟରେ କହିଥିଲେ।

## ଦିଲ୍ଲୀ-ଇଲେକ୍ସନ୍

ଦିଲ୍ଲୀ ବିଧାନସଭା ନିର୍ବାଚନ ଘୋଷଣା ହେବା ପରଠାରୁ ଆଦର୍ଶ ଆଚରଣ ବିଧି ଉଲ୍ଲଂଘନ ଅଭିଯୋଗରେ ଦିଲ୍ଲୀ ପୁଲିସ ୩୯୭ଟି ମାମଲା ରୁଜୁ କରିଛି। ୨୧୨ଟି ଲାଇସେନ୍ସ ବିହୀନ ଅସ୍ତ୍ରଶସ୍ତ୍ର, ୩୬ ହଜାର ଲିଟର ମଦ ଓ ୧୫ କୋଟି ଟଙ୍କାର ପ୍ରାୟ ୭୫ କେଜି ନିଶାଦ୍ରବ୍ୟ ଜବତ କରାଯାଇଛି। ପ୍ରତିଷେଧକ କାର୍ଯ୍ୟାନୁଷ୍ଠାନ ଓ ଅନ୍ୟାନ୍ୟ କାର୍ଯ୍ୟ ଧାରାରେ ୧୪ ହଜାରରୁ ଅଧିକ ଲୋକଙ୍କୁ ଗିରଫ କରାଯାଇଥିବା ଜଣାପଡ଼ିଛି ।

## ବମ୍ବେ-ମାଜିଷ୍ଟ୍ରେଟ୍ ଇନ୍କ୍ୱାରି

ମହାରାଷ୍ଟ୍ରର ବଦଲାପୁର ସ୍କୁଲ ଯୌନ ନିର୍ଯାତନା ମାମଲାର ଅଭିଯୁକ୍ତ ଅକ୍ଷୟ ସିନ୍ଦେଙ୍କ ନକଲି ଏନକାଉଣ୍ଟର ପାଇଁ ୫ ଜଣ ପୁଲିସ କର୍ମୀ ଦାୟୀ ବୋଲି ମାଜିଷ୍ଟ୍ରେଟ୍ ତଦନ୍ତ ରିପୋର୍ଟରେ ଦର୍ଶାଯାଇଛି। ଜଷ୍ଟିସ ରେବତୀ

ମୋହିତେ-ଡେରେ ଏବଂ ଡକ୍ଟର ନୀଲା ଗୋଖଲେଙ୍କୁ ନେଇ ଗଠିତ ଖଣ୍ଡପୀଠ ଆଜି ବମ୍ବେ ହାଇକୋର୍ଟରେ ଏହି ରିପୋର୍ଟ ଦାଖଲ କରିଛନ୍ତି । ରିପୋର୍ଟରେ ଦର୍ଶାଯାଇଛି ଯେ ମୃତ ଅଭିଯୁକ୍ତଙ୍କ ସହ ଯୁକ୍ତିତର୍କ ସମୟରେ ୫ ଜଣ ପୁଲିସ କର୍ମଚାରୀ ଯେଉଁ ବଳ ପ୍ରୟୋଗ କରିଥିଲେ ତାହା 'ଅଯଥା' ଥିଲା ଏବଂ ବନ୍ଧୁକରେ ମୃତକଙ୍କ କୌଣସି ଆଙ୍ଗୁଠି ଚିହ୍ନ ନାହିଁ। ଏଥିରେ ଆହୁରି ମଧ୍ୟ କୁହାଯାଇଛି ଯେ ଆତ୍ମରକ୍ଷା ପାଇଁ ପୋଲିସର ଦାବି ଅଯଥା ଏବଂ ଘଟଣାକ୍ରମ ଉପରେ ସନ୍ଦେହ ସୃଷ୍ଟି କରୁଛି ।

ଏହି ମାମଲାର ଅଭିଯୁକ୍ତ ୨୦୨୪ ସେପ୍ଟେମ୍ବର ୨୩ରେ ଏନକାଉଣ୍ଟରରେ ନିହତ ହୋଇଥିଲା । ଅକ୍ଷୟ ସିନ୍ଦେ ଜଣେ ପୁଲିସ କର୍ମଚାରୀଙ୍କ ପିସ୍ତଲ ଛଡ଼ାଇ ନେଇ ଗୁଳି କରିଥିଲେ, ଯାହା ପରେ ସେ ପୁଲିସଠାରୁ ଖସି ଯିବାକୁ ଚେଷ୍ଟା କରିବାରୁ ତାଙ୍କର ମୃତ୍ୟୁ ହୋଇଥିଲା ବୋଲି କୁହାଯାଇଥିଲା ।

## ଜେଆଣ୍ଡକେ-ଟିମ୍

ଜମ୍ମୁ-କଶ୍ମୀରରେ ଗତ ୪୫ ଦିନ ମଧ୍ୟରେ ରହସ୍ୟମୟ ଅବସ୍ଥାରେ ୩ ଟି ପରିବାରର ୧୭ ଜଣ ସଦସ୍ୟଙ୍କ ମୃତ୍ୟୁର କାରଣ ଜାଣିବା ପାଇଁ

ଉଚ୍ଚସ୍ତରୀୟ ଆନ୍ତଃମନ୍ତ୍ରଣାଳୟ ଟିମ୍ ଆଜି ରାଜୌରୀ ଜିଲ୍ଲାର ବଧାଲ ଗ୍ରାମଗସ୍ତ କରିଛନ୍ତି।

ଆକାଶବାଣୀ ଜମ୍ମୁ ସମ୍ବାଦଦାତାଙ୍କ ରିପୋର୍ଟ ଅନୁଯାୟୀ, ଗୃହ ମନ୍ତ୍ରଣାଳୟର ଜଣେ ନିର୍ଦ୍ଦେଶକ ପାହ୍ୟାର ଅଧିକାରୀଙ୍କ ନେତୃତ୍ୱରେ କେନ୍ଦ୍ରୀୟ ଟିମ୍ ଗତକାଲି ସନ୍ଧ୍ୟାରେ ରାଜୌରୀ ଜିଲ୍ଲା ମୁଖ୍ୟାଳୟରେ ପହଞ୍ଚି ବରିଷ୍ଠ ଜିଲ୍ଲା ସ୍ୱାସ୍ଥ୍ୟ ଏବଂ ପୋଲିସ ଅଧିକାରୀଙ୍କ ଠାରୁ ସୂଚନା ଗ୍ରହଣ କରିଥିଲେ। ଏହି ଟିମ୍ ବରିଷ୍ଠ ଅଧିକାରୀଙ୍କ ସହ ଗାଁକୁ ଯାଇ ଦୁଇଟି ଦଳରେ ବିଭକ୍ତ ହୋଇ ତଦନ୍ତ ଆରମ୍ଭ କରିଛି। ସ୍ଥାନୀୟ ପ୍ରଶାସନ ସହ ମିଶି ଏହି ଦଳ ତୁରନ୍ତ ସହାୟତା ଯୋଗାଇବା ସହ ଭବିଷ୍ୟତରେ କୌଣସି ଅଘଟଣକୁ ରୋକିବା ପାଇଁ ପଦକ୍ଷେପ ନେବେ।

ଏହା ପୂର୍ବରୁ ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ ଶାହା ଡିସେମ୍ବର ୭ରୁ ଜାନୁଆରୀ ୧୯ ମଧ୍ୟରେ ରାଜୌରୀର ଏକ ଦୁର୍ଗମ ଗ୍ରାମରେ ତିନିଟି ପରିବାରର ମୃତ୍ୟୁର ତଦନ୍ତ ପାଇଁ ଏକ ଆନ୍ତଃମନ୍ତ୍ରଣାଳୟ ଦଳକୁ ନିର୍ଦ୍ଦେଶ ଦେଇଥିଲେ ।

# ଉତ୍ତରାଖଣ୍ଡ-ୟୁସିସି

ଉତ୍ତରାଖଣ୍ଡ କ୍ୟାବିନେଟ୍ ଏକକ ନାଗରିକ ସଂହିତାକୁ ଅନୁମୋଦନ ଦେବା ପରେ ରାଜ୍ୟରେ ଏହାକୁ କାର୍ଯ୍ୟକାରୀ କରିବା ପାଇଁ ବାଟ ଖୋଲିଛି। ଡେରାଡୁନରେ କ୍ୟାବିନେଟ୍ ବୈଠକ ପରେ ଗଣମାଧ୍ୟମକୁ ସୂଚନା ଦେଇ ମୁଖ୍ୟମନ୍ତ୍ରୀ ପୁଷ୍କର ସିଂହ ଧାମୀ ୟୁସିସିର ପ୍ରଭାବକୁ ନେଇ ଆଶାବାଦୀ ଅଛନ୍ତି। ସେ କହିଛନ୍ତି ଯେ ଉତ୍ତରାଖଣ୍ଡ ୟୁସିସିକୁ ଗ୍ରହଣ କରିବା ଦେଶର ବାକି ଅଞ୍ଚଳ ପାଇଁ ପ୍ରେରଣା ସାଜିବ। ୟୁନିଫର୍ମ ସିଭିଲ କୋଡ୍ ସୁନିଶ୍ଚିତ କରିବାକୁ ଚାହୁଁଛି ଯେ ସମସ୍ତ ନାଗରିକ ବ୍ୟକ୍ତିଗତ ସମ୍ପର୍କ, ସମାନତା ଏବଂ ନ୍ୟାୟକୁ ପ୍ରୋତ୍ସାହିତ କରିବା କ୍ଷେତ୍ରରେ ଏକ ସାଧାରଣ ଆଇନ ଦ୍ୱାରା ପରିଚାଳିତ ହୁଅନ୍ତୁ ।

# ହକି

ରାଞ୍ଚିର ମାରାଙ୍ଗ ଗୋମ୍କେ ଜୟପାଲ ସିଂହ ମୁଣ୍ଡା ହକି ଷ୍ଟାଡିୟମରେ ମହିଳା ହକି ଇଣ୍ଡିଆ ଲିଗ୍‌ରେ ସୁରମା ହକି କ୍ଲବ୍ ଓ ଦିଲ୍ଲୀ ଏସ୍‌ଜି ପାଇପର୍ସ୍ ମଧ୍ୟରେ ମ୍ୟାଚ୍ ଚାଲିଛି।

ପୁରୁଷ ବର୍ଗରେ ରାଉରକେଲାର ବିର୍ସା ମୁଣ୍ଡା ହକି ଷ୍ଟାଡିୟମରେ ଶ୍ରାଚି ରାହା ବେଙ୍ଗଲ ଟାଇଗର୍ସ ଓ ସୁରମା ହକି କ୍ଲବ୍ ମଧ୍ୟରେ ଆଜି ରାତି ୮ଟା ୧୫ ମିନିଟ୍‌ରେ ମୁକାବିଲା ହେବ।

ପୁରୁଷ ହକିରେ ତାମିଲନାଡୁ ଡ୍ରାଗନ୍ସ ୧୫ ପଏଣ୍ଟ ସହ ଶୀର୍ଷରେ ଥିବା ବେଳେ ହାଇଦ୍ରାବାଦ ତୁଫାନ୍ସ ୧୩ ପଏଣ୍ଟ ପାଇ ତୃତୀୟ ସ୍ଥାନରେ ରହିଛି। ମହିଳା ବିଭାଗରେ ଓଡ଼ିଶା ୱାରିୟର୍ସ ୮ ପଏଣ୍ଟ ସହ ଟେବୁଲର ଶୀର୍ଷରେ ଥିବା ବେଳେ ସୁରମା ହକି କ୍ଲବ ୬ ପଏଣ୍ଟ ସହ ଦ୍ୱିତୀୟ ସ୍ଥାନରେ ରହିଛି।